# NATIONAL NEWS BULLETIN (ODIA)
## 16 December - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଇଥିଓପିଆରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।
- ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିର୍ବାଚନ ଆୟୋଗଙ୍କ ସାମ୍ବିଧାନିକ କ୍ଷମତା, କହିଲେ ରାଜ୍ୟସଭା ନେତା ଜେ.ପି. ନଡ୍ଡା ।

– ଗୃହରେ ଶେଷ ହେଲା ନିର୍ବାଚନ ସଂସ୍କାର ସମ୍ପର୍କିତ ଆଲୋଚନା ।

- ମାଓ ପ୍ରଭାବିତ ରାଜ୍ୟଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ନେଇ ଗତ ଦଶନ୍ଧିରେ ସରକାର ପ୍ରଦାନ କରିଛନ୍ତି ୩ ହଜାର ୫୦୦ କୋଟି ଟଙ୍କା ।
- ପ୍ରସ୍ତାବିତ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ୨୦୨୫ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବ, କହିଲେ ଶିକ୍ଷାମନ୍ତ୍ରୀ ।

ଏବଂ

- ୧୯ ବର୍ଷରୁ କମ୍ ଏସିଆକପ୍ ୨୦୨୫ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ମାଲେସିଆକୁ ୩୧୫ରନ୍‌ରେ ପରାସ୍ତ କଲା ଭାରତ ।

## ଆର୍‌ଏସ୍-ଇଲେକ୍‌ସନ୍ ରିଫର୍ମସ୍

ରାଜ୍ୟସଭାରେ ନିର୍ବାଚନ ସଂସ୍କାର ପ୍ରସଙ୍ଗ ଉପରେ ଚାଲିଥିବା ଆଲୋଚନା ଆଜି ଶେଷ ହୋଇଛି । ନିର୍ବାଚନରେ ଇ.ଭି.ଏମ୍.ରେ କୌଣସି ଜାଲିଆତି କରାଯାଇଛି ବୋଲି ଏହାର କିଛି ପ୍ରମାଣ ନାହିଁ ବୋଲି ଏନ୍.ସି.ପି. ସାଂସଦ ପ୍ରଫୁଲ୍ଲ ପଟେଲ ରାଜ୍ୟସଭାରେ କହିଛନ୍ତି । ଶ୍ରୀ ପଟେଲ କହିଛନ୍ତି, ଭୋଟ ଦେବାର ଅଧିକାର ହିଁ ଲୋକମାନଙ୍କର ତଥା ଦେଶର ଗଣତନ୍ତ୍ରର ଶକ୍ତି । ଟି.ଏମ୍.ସି. ସାଂସଦ ଡେରେକ୍ ଓ'ବ୍ରିଏନ୍ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ଉଦ୍ଦେଶ୍ୟକୁ ଚିହ୍ନଟ, ବାଦ୍‌ଦେବା ଏବଂ ସଂଶୋଧନ ବୋଲି ଅଭିହିତ କରିଛନ୍ତି ।

ରାଜ୍ୟସଭା ନେତା ଜେ.ପି. ନଡ୍ଡା କହିଛନ୍ତି, ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିର୍ବାଚନ ଆୟୋଗଙ୍କ ଏକ ସାମ୍ବିଧାନିକ କ୍ଷମତା । ସେ କହିଛନ୍ତି, ଭୋଟର ତାଲିକାକୁ ନିୟମିତ ଭାବେ ସଂଶୋଧନ କରିବା ଆୟୋଗଙ୍କ କର୍ତ୍ତବ୍ୟ । କୌଣସି ଯୋଗ୍ୟ ମତଦାତା ଏହି ତାଲିକାରୁ ବାଦ୍

ପଡ଼ିବେ ନାହିଁ ଏବଂ ସେମାନଙ୍କୁ ମତଦାନ ଅଧିକାରରୁ ବଞ୍ଚିତ କରାଯିବ ନାହିଁ ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

ଶ୍ରୀ ନଡ୍ଡା କହିଛନ୍ତି, ଏହି ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଯେତିକି ଶକ୍ତିଶାଳୀ ହେବେ ଦେଶର ଗଣତନ୍ତ୍ର ସେତିକି ମଜବୁତ୍ ହେବ । ରାଜ୍ୟସଭାରେ ଶ୍ରୀ ନଡ୍ଡାଙ୍କର ଅଭିଭାଷଣ ପରେ ଏହି ଆଲୋଚନା ଶେଷ ହୋଇଥିଲା ।

## ନ୍ୟୁ ଡବ୍ଲ୍ୟୁବି ଏସ୍ଆଇଆର୍

ପଶ୍ଚିମବଙ୍ଗରେ ସଂଶୋଧିତ ପ୍ରସ୍ତାବିତ ନୂତନ ଭୋଟର ତାଲିକା ପ୍ରକାଶ ପାଇଛି । ପ୍ରଥମ ପର୍ଯ୍ୟାୟ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ପଶ୍ଚିମବଙ୍ଗରେ ୭ କୋଟି ୬୬ ଲକ୍ଷ ୩୭ ହଜାର ୫୨୯ ମତଦାତାଙ୍କ ତାଲିକା ପ୍ରସ୍ତୁତ ହୋଇଥିଲା । ଏହା ମଧ୍ୟରୁ ୭ କୋଟି ୮ ଲକ୍ଷ ୧୬ ହଜାର ୬୧୬ ମତଦାତାଙ୍କ ଗଣନା ସଂଖ୍ୟା ଡିଜିଟାଇଜେସନ୍ କରାଯାଇଛି ।

ଏହି ପ୍ରକ୍ରିୟାରେ ୫୮ ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ଅନୁପସ୍ଥିତ, ମୃତ ଏବଂ ନକଲ ସାବ୍ୟସ୍ତ ହେବା ଫଳରେ ସେମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି ।

ସେମାନଙ୍କ ନାମକୁ ଭୋଟର ତାଲିକା ମଧ୍ୟରେ ସ୍ଥାନିତ କରିବା ପାଇଁ ଆଜିଠାରୁ ଏକ ଅଭିଯାନ ଆରମ୍ଭ କରାଯାଇଛି, ଯାହା ଆସନ୍ତା ବର୍ଷ ଫେବୃୟାରୀ ୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଆସନ୍ତା ବର୍ଷ ଫେବୃୟାରୀ ୧୪ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜଣାପଡ଼ିଛି ।

## ମନରେଗା-ଜି ରାମ ଜି

ବିକଶିତ ଭାରତ ରୋଜଗାର ଏବଂ ଜୀବିକା ମିଶନ ପାଇଁ ଗ୍ୟାରେଣ୍ଟି ଅଭିଯାନ-**VB-G. RAM. G** -୨୦୨୫ ବିଲ୍‌କୁ ଆଜି କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ  ଲୋକସଭାରେ ଉପସ୍ଥାପିତ କରିଛନ୍ତି। ଏହି ବିଲ୍ ଗ୍ରାମୀଣ ପରିବାରକୁ ୧୨୫ ଦିନର ମଜୁରୀ ଆଧାରିତ ନିଯୁକ୍ତି ଗ୍ୟାରେଣ୍ଟି ପ୍ରଦାନ କରିବ। ସଶକ୍ତୀକରଣ, ବିକାଶ, ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ବିଲ୍‌ରେ ଧ୍ୟାନ ଦିଆଯାଇଛି। ଗ୍ରାମ ପଞ୍ଚାୟତଗୁଡ଼ିକ ପ୍ରଧାନମନ୍ତ୍ରୀ ଗତିଶକ୍ତି ମାଧ୍ୟମରେ ଯୋଜନାଗୁଡ଼ିକର ସମନ୍ୱୟ ଏବଂ ସମ୍ପୂର୍ଣ୍ଣତା ଉପରେ ଆଧାରିତ ଏକ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା ସୃଷ୍ଟି କରିବ ବୋଲି ଶ୍ରୀ ଚୌହ୍ୱାନ କହିଛନ୍ତି। ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତର ଦୃଷ୍ଟିକୋଣ ଅନୁରୂପ ଗ୍ରାମର ବିକାଶକୁ ସମର୍ଥନ କରିବ। ଏହାବ୍ୟତୀତ ବିଲ୍‌ରେ ଏକ ପ୍ରଯୁକ୍ତିବିଦ୍ୟା ସକ୍ଷମ ଢାଞ୍ଚା ଏବଂ ଆଇନଗତ ଓ ପ୍ରଶାସନିକ ବ୍ୟବସ୍ଥା ମାଧ୍ୟମରେ ଅଧିକ ସ୍ୱଚ୍ଛଳ ଓ

ଉତ୍ତରଦାୟୀ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି । ପ୍ରସ୍ତାବିତ ବିଲ୍‌ରେ ସରକାର ୪ଟି ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି । ସେଗୁଡ଼ିକ ହେଲା- ଜଳ ସଂରକ୍ଷଣ, ମୌଳିକ ଗ୍ରାମୀଣ ଭିତ୍ତିଭୂମି, ଜୀବିକା ଏବଂ ବିପର୍ଯ୍ୟୟ ପ୍ରଶମନ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି ।

## ଏଲ୍‌ଏସ୍-ଲେଫ୍ଟୱିଙ୍ଗ୍

ମାଓ ପ୍ରଭାବିତ ରାଜ୍ୟଗୁଡ଼ିକରେ ସୁରକ୍ଷାବାହିନୀ କାର୍ଯ୍ୟକଳାପ ଏବଂ ତାଲିମ୍ ଆବଶ୍ୟକତା ପାଇଁ ଗତ ୨୦୧୪-୧୫ ପରଠାରୁ ସରକାର ୩ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି ଗୃହ ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସେ କହିଛନ୍ତି, ରାଜ୍ୟର ସ୍ୱତନ୍ତ୍ର ବାହିନୀ, ରାଜ୍ୟ ଗୁଇନ୍ଦା ସଂସ୍ଥା, ଜିଲ୍ଲା ପୁଲିସ୍ ବିଭାଗକୁ ସୁଦୃଢ଼ କରିବା ଏବଂ ସ୍ୱତନ୍ତ୍ର ଭିତ୍ତିଭୂମି ନିର୍ମାଣ ଯୋଜନା ଅଧୀନରେ ଥାନା ନିର୍ମାଣ ପାଇଁ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକୁ ୧ ହଜାର ୭୫୭ କୋଟି ଟଙ୍କା ମଞ୍ଜୁର କରାଯାଇଛି । ୨୦୧୦ ତୁଳନାରେ ଦେଶରେ ବାମପନ୍ଥୀ କାର୍ଯ୍ୟକଳାପ ୮୯ ପ୍ରତିଶତ ହ୍ରାସ ପାଇଛି ।

ସେ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ୬୫୬ଟି ସୁଦୃଢ଼ ପୁଲିସ୍ ଷ୍ଟେସନ୍ ନିର୍ମାଣ କରାଯାଇଛି । ଗତ ୬ ବର୍ଷ ମଧ୍ୟରେ ଅତ୍ୟଧିକ ମାଓବାଦୀ

ପ୍ରଭାବିତ ଅଞ୍ଚଳରେ ନୂତନ ଭାବେ ୩୭୭ଟି ସୁରକ୍ଷା ସିବିର ପ୍ରତିଷ୍ଠା କରାଯାଇଛି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି ।

## ଛତିଶଗଡ଼-ମାଓଇଷ୍ଟ ସରେଣ୍ଡର

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ୩୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୭ ଜଣ ମହିଳା ମାଓବାଦୀ ଅଛନ୍ତି । ୨୬ ଜଣ ମାଓବାଦୀଙ୍କ ଉପରେ ମୋଟ୍ ୮୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ପୁଲିସ୍ ଅଧିକ୍ଷକ ଡକ୍ଟର ଜିତେନ୍ଦ୍ର କୁମାର ଯାଦବ କହିଛନ୍ତି, ଆତ୍ମସମର୍ପଣ ସମୟରେ ମାଓବାଦୀମାନେ ସେମାନଙ୍କର ଅସ୍ତ୍ରଶସ୍ତ୍ର ହସ୍ତାନ୍ତର କରିଛନ୍ତି । ମାଓବାଦୀଙ୍କ ମଧ୍ୟରେ ତେଲଙ୍ଗାନା ରାଜ୍ୟ କମିଟି ଏବଂ ଅନ୍ୟ କେତେକ ଡିଭିଜନ୍‌ର ମାଓ ସଦସ୍ୟ ରହିଥିବା ସେ କହିଛନ୍ତି ।

## ପ୍ରଧାନ-ଶିକ୍ଷାଅଧିଷ୍ଠାନ ବିଲ୍

ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରସ୍ତାବିତ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ୨୦୨୫ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସ୍ୱାୟତତା, ମାନ୍ୟତା ଏବଂ ଗୁଣବତ୍ତାକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ । ନୂଆଦିଲ୍ଲୀରେ

ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ପ୍ରଧାନ କହିଛନ୍ତି, ବିଶ୍ୱବିଦ୍ୟାଳୟ ତଥା ଅନ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକରେ ଉତ୍କର୍ଷ ଶୈକ୍ଷିକ ବାତାବରଣ, ଗବେଷଣା ଏବଂ ନବସୃଜନ କ୍ଷେତ୍ରକୁ ସଶକ୍ତ କରିବା ନେଇ ଏହି ବିଲ୍‌ରେ କେତେକ ପ୍ରସ୍ତାବ ରହିଛି । ଉଚ୍ଚଶିକ୍ଷା କ୍ଷେତ୍ରରେ ଦୀର୍ଘଦିନ ଧରି ରହିଥିବା କେତେକ ସମସ୍ୟାର ସମାଧାନ ତଥା ଭାରତର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ବିଶ୍ୱ ମାନଦଣ୍ଡରେ ପହଞ୍ଚାଇବାରେ ଏହି ବିଲ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି ।

ବିଲ୍‌ଟିକୁ ଅଧିକ ବିଚାର ବିମର୍ଷ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଛି ବୋଲି ସେ କହିଛନ୍ତି ।

# ଆର୍‌ଏସ୍-ଜନଔଷଧୀ କେନ୍ଦ୍ର

ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ ପରିଯୋଜନା ଅଧୀନରେ ଏ ପର୍ଯ୍ୟନ୍ତ ଦେଶରେ ୧୭ ହଜାର ୬୧୦ଟି ଜନଔଷଧୀ କେନ୍ଦ୍ର ସ୍ଥାପନ କରାଯାଇଛି । ରାଜ୍ୟସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ସୁଲଭ ମୂଲ୍ୟରେ ସମସ୍ତଙ୍କୁ ଗୁଣାତ୍ମକ ଜେନେରିକ୍ ଔଷଧ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଏହି ଯୋଜନା ଆରମ୍ଭ କରାଯାଇଥିଲା ।

ମାର୍ଚ୍ଚ ୨୦୨୭ ସୁଦ୍ଧା ଜନଔଷଧୀ କେନ୍ଦ୍ର ସଂଖ୍ୟା ୨୫ ହଜାରକୁ ବୃଦ୍ଧି କରିବାକୁ ସେ ଗୃହରେ ସୂଚନା ଦେଇଛନ୍ତି ।

## ଆର୍‌ଏସ୍-ଆପ୍ରୋପ୍ରିଏସନ୍ ବିଲ୍

ଚଳିତ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ରାଜ୍ୟସଭାରେ ଆଗତ ହୋଇଛି । ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ବିଲ୍ ଉପସ୍ଥାପନ କରିଛନ୍ତି । ଦେଶର ସମନ୍ୱିତ ପାଣ୍ଠି ତଥା ଅନ୍ୟ କେତେକ କ୍ଷେତ୍ରରୁ ପାଣ୍ଠି ବିନିଯୋଗ ପ୍ରସ୍ତାବ ଏହି ବିଲ୍‌ରେ ରହିଛି । ବିଜେପିର ଘନଶ୍ୟାମ ତିୱାରୀ ଆଲୋଚନାରେ ଅଂଶଗ୍ରହଣ କରି କହିଛନ୍ତି, ଭାରତର ଅର୍ଥନୀତି ଚାରି ଟ୍ରିଲିୟନ୍ ଡଲାର୍ ଅତିକ୍ରମ କରିଛି । ଆପ୍ ବିଧାୟକ ରାଘବ ଚଢ୍ଢା ଦେଶରେ ନିବେଶ କ୍ଷେତ୍ରରେ ଅତ୍ୟଧିକ କର ଲାଗୁ କରାଯାଇଥିବା ନେଇ ଚିନ୍ତାପ୍ରକଟ କରିଛନ୍ତି । ବିଲ୍ ଉପରେ ଗୃହରେ ଆଲୋଚନା ଜାରି ରହିଥିଲା ।

## ଗୋଆ ଫାୟାର୍ କେସ୍

ଗୋଆ ଅଗ୍ନିକାଣ୍ଡ ଘଟଣାରେ ଦେଶରୁ ପଳାୟନ କରିଥିବା କଥିତ ଅଭିଯୁକ୍ତ ସୌରଭ ଏବଂ ଗୌରବ ଲୁଥୁରାଙ୍କୁ ଆଜି ପୁଲିସ୍ ହେପାଜତକୁ

କରାଯାଇଛି । ଦିଲ୍ଲୀରେ ଆଜି ପହଞ୍ଚିବା ପରେ ଗୋଆ ପୁଲିସ୍ ତାଙ୍କୁ ହେପାଜତକୁ ନେଇଛି । ଅଗ୍ନିକାଣ୍ଡ ଘଟଣା ପରେ ସେମାନେ ଥାଇଲାଣ୍ଡକୁ ପଳାୟନ କରିଥିଲେ । ଥାଇଲାଣ୍ଡ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ଗୋଆ ପୁଲିସ୍ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ଘଟଣାର ତଦନ୍ତ ଜାରି ରହିଛି ବୋଲି ପୁଲିସ୍ କହିଛି ।

## ଅଣ୍ଡର ନାଇଣ୍ଟିନ୍ - ଇଣ୍ଡିଆ-ମାଲେସିଆ

୧୯ ବର୍ଷରୁ କମ୍ ଏସିଆକପ୍ ୨୦୨୫ ପ୍ରତିଯୋଗିତାର ଆଜି ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ମାଲେସିଆକୁ ୩୧୫ରନ୍‌ରେ ପରାସ୍ତ କରିଛି । ଦୁବାଇଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମାଲେସିଆ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୫୦ ଓଭରରେ ଭାରତ ୭ ୱିକେଟ୍ ବିନିମୟରେ ୪୦୮ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଭିଜ୍ଞାନ ଅଭିଶେକ କୁଣ୍ଡୁ ୧୨୫ଟି ବଲ୍‌ରୁ ଅପରାଜିତ ୨୦୯ରନ୍, ବେଦାନ୍ତ ତ୍ରିବେଦୀ ୯୦ ଏବଂ ବୈଭବ ସୂର୍ଯ୍ୟବଂଶୀ ୫୦ରନ୍ ସଂଗ୍ରହ କରିଥିଲେ । ୪୦୯ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ମାଲେସିଆ ୩୨ ଓଭର ଗୋଟିଏ ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୯୩ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।